# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

### 28th May – 2026

************************************

## ମୁଖ୍ୟ ସମ୍ବାଦ

- ବି.ଜେ.ପି. ସରକାରର ୨ ବର୍ଷ ପୂର୍ତ୍ତି ପାଳନର ପ୍ରାକ୍-ପ୍ରସ୍ତୁତି ବୈଠକ ମୁଖ୍ୟମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ।

- ପ୍ରଧାନମନ୍ତ୍ରୀଙ୍କ ମାସିକ ରେଡ଼ିଓ କାର୍ଯ୍ୟକ୍ରମ ମନ୍ କୀ ବାତ୍ ଆସନ୍ତା ରବିବାର ଦିନ ହେବ ପ୍ରସାରଣ ।

- ସ୍ୱଚ୍ଛ ଓ ସୁରକ୍ଷିତ ଋତୁସ୍ରାବ ପରିଚର୍ଯ୍ୟାକୁ ପ୍ରୋତ୍ସାହନ ଦେବା ଉଦ୍ଦେଶ୍ୟରେ ଆଜି ପାଳନ କରାଯାଉଛି ବିଶ୍ୱ ଋତୁସ୍ରାବ ସ୍ୱଚ୍ଛତା ଦିବସ ।

ଏବଂ

- ରାଜ୍ୟରେ ଗ୍ରୀଷ୍ମପ୍ରବାହ ଓ କାଳବୈଶାଖୀର ପ୍ରଭାବନେଇ ପାଣିପାଗ କେନ୍ଦ୍ର ପକ୍ଷରୁ ସତର୍କ ସୂଚନା ଜାରି ।

*Desk*

# ସରକାର - ୨ ବର୍ଷ ପୂର୍ତ୍ତି

ଭୁବନେଶ୍ୱର ଲୋକସେବା ଭବନରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ବି.ଜେ.ପି. ସରକାରର ୨ ବର୍ଷ ପୂର୍ତ୍ତିର ପ୍ରାକ୍-ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ମୁଖ୍ୟମନ୍ତ୍ରୀ ବିଭିନ୍ନ ବିଭାଗର ସଫଳତା ଓ ଉପଲବ୍ଧି ସମ୍ପର୍କରେ ବିଭାଗୀୟ ସଚିବଙ୍କ ସହିତ ଆଲୋଚନା କରିଛନ୍ତି । ଆସନ୍ତା ଜୁନ ୧୨ରୁ ୨୧ ତାରିଖ ପର୍ଯ୍ୟନ୍ତ ରାଜ୍ୟରେ ନିରାଡମ୍ବର ଭାବେ ବି.ଜେ.ପି. ସରକାରଙ୍କ ୨ ବର୍ଷ ପୂର୍ତ୍ତି ପାଳନ କରିବା ଲାଗି ନିଷ୍ପତ୍ତି ହୋଇଛି । ଆଜିର ବୈଠକରେ ମୁଖ୍ୟମନ୍ତ୍ରୀ ସରକାରଙ୍କ ଆଭିମୁଖ୍ୟ, ଜନକଲ୍ୟାଣକାରୀ ଯୋଜନା ଓ ଏହାର ସୁଫଳ ବିଷୟରେ ଯେଭଳି ସାଧାରଣ ଲୋକଟିଏ ସୂଚନା ପାଇପାରିବ, ସେନେଇ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଛନ୍ତି । ସୂଚନାଯୋଗ୍ୟ, ମୁଖ୍ୟମନ୍ତ୍ରୀ ଦିଲ୍ଲୀ ଗସ୍ତକାଳରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ୨ ବର୍ଷ ପୂର୍ତ୍ତି ନିମନ୍ତେ ପାଳନ ହେବାକୁ ଥିବା ଉତ୍ସବରେ ଯୋଗଦେବାକୁ ନିମନ୍ତ୍ରଣ କରିଛନ୍ତି ।

***Desk***

# ପିଏମ୍-ମନ୍ କି ବାତ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତା ରବିବାର ଦିନ ପୂର୍ବାହ୍ନ ୧୧ଟା ସମୟରେ ଆକାଶବାଣୀର ମନ୍ କି ବାତ୍ କାର୍ଯ୍ୟକ୍ରମରେ ଦେଶବାସୀଙ୍କ ସହ ଭାବବିନିମୟ କରିବେ । ଏହା ହେବ କାର୍ଯ୍ୟକ୍ରମର ୧୩୪ତମ ସଂସ୍କରଣ । ଏହି କାର୍ଯ୍ୟକ୍ରମ ଆକାଶବାଣୀ ଓ ଦୂରଦର୍ଶନର ସମସ୍ତ ନେଟୱର୍କ, ଆକାଶବାଣୀ ୱେବ୍‌ସାଇଟ୍ ଓ Newsonair ମୋବାଇଲ୍ App ରେ ଉପଲବ୍ଧ ହେବ । ଏହା ମଧ୍ୟ ଆକାଶବାଣୀ, DD News, PMO ଏବଂ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ୟୁଟ୍ୟୁବ୍ ଚ୍ୟାନେଲ୍‌ରେ ସିଧା ପ୍ରସାରଣ ହେବ । ହିନ୍ଦୀ ଭାଷାରେ ପ୍ରସାରଣ ପରେ ଆକାଶବାଣୀରେ ଏହି କାର୍ଯ୍ୟକ୍ରମର ଆଞ୍ଚଳିକ ଭାଷାନ୍ତରଣ ପ୍ରସାରଣ କରାଯିବ । ରାତି ୮ଟାରେ ଆଞ୍ଚଳିକ ଭାଷାନ୍ତରଣର ପୁନଃ ପ୍ରସାରଣ କରାଯିବ ।

***HS***

# ବୁବୁନ ସାହୁ - ମୁଖ୍ୟମନ୍ତ୍ରୀ ସମ୍ବର୍ଦ୍ଧନା

ଓଡ଼ିଶା ପ୍ରଶାସନିକ ସେବା ପରୀକ୍ଷା-୨୦୨୪ରେ ପ୍ରଥମ ସ୍ଥାନ ଅଧିକାର କରିଥିବା ବୁବୁନ୍ ସାହୁଙ୍କୁ ଆଜି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସମ୍ବର୍ଦ୍ଧିତ କରିଛନ୍ତି । କେନ୍ଦୁଝର ଜିଲ୍ଲା ଆନନ୍ଦପୁର ଉପଖଣ୍ଡ ତୋଳଙ୍କପଡ଼ା ଗ୍ରାମର

ବୁବୁନ୍ ସାହୁଙ୍କୁ ଓ.ସି.ଏସ୍. ପରୀକ୍ଷାରେ ଉଲ୍ଲେଖନୀୟ ସଫଳତାପାଇଁ ଭୁବନେଶ୍ୱର ଲୋକସେବା ଭବନରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ଅଭିନନ୍ଦନ ଜଣାଇବା ସହ ଜନସେବା ପ୍ରଶାସନର ମୂଳଲକ୍ଷ୍ୟ ବୋଲି କହିଛନ୍ତି । ସୂଚନାଯୋଗ୍ୟ, ବୁବୁନ୍ ସାହୁ ବର୍ତ୍ତମାନ ଓଡ଼ିଶା ପୋଲିସ୍‌ର ଡି.ଏସ୍.ପି. ଭାବେ ପ୍ରଶିକ୍ଷଣ ନେଉଛନ୍ତି ।

***Desk***

# ଏନ୍.ଟି.ଏ.

ଜାତୀୟ ପରୀକ୍ଷା ଏଜେନ୍ସୀ ଏନ୍‌ଟିଏ ପକ୍ଷରୁ କମନ ୟୁନିଭରସିଟି ଏଣ୍ଟ୍ରାନ୍ସ ଟେଷ୍ଟ ଅଣ୍ଡର ଗ୍ରାଜୁଏଟ-ସିୟୁଇଟି-ୟୁଜି ୨୦୨୬ ପରୀକ୍ଷା ନିମନ୍ତେ ସଂଶୋଧିତ ପରୀକ୍ଷା ତାରିଖ ଏବଂ ଆଡମିଟ କାର୍ଡ ପ୍ରଦାନ ଘୋଷଣା କରାଯାଇଛି । ଚଳିତମାସ ୩୧ ତାରିଖ ଏବଂ ଆସନ୍ତା ମାସ ୬ ଏବଂ ୭ ତାରିଖରେ ଏଥିନିମନ୍ତେ ପ୍ରବେଶିକା ପରୀକ୍ଷା ହେବ ବୋଲି ଏନ୍‌ଟିଏ ପକ୍ଷରୁ କୁହାଯାଇଛି । ଆଜି ହେବାକୁ ଥିବା ପରୀକ୍ଷା ଇଦ୍-ଉଲ୍-ଆଝା ପାଇଁ ପୁନଃ ନିର୍ଦ୍ଧାରିତ କରାଯାଇଛି । ଆସନ୍ତା ରବିବାର ହେବାକୁଥିବା ପରୀକ୍ଷା ଲାଗି ପ୍ରାର୍ଥୀମାନଙ୍କୁ ଆଡମିଟ କାର୍ଡ ପ୍ରଦାନ ଆରମ୍ଭ ହୋଇଛି । ସେମାନେ ଅଫିସିଆଲ ୱେବ୍‌ସାଇଟ୍ ଏନ୍‌ଟିଏ - cuet.nta.nic.in ରେ ଡାଉନ୍‌ଲୋଡ କରି ଆଡମିଟ କାର୍ଡ ପାଇପାରିବେ । ଆସନ୍ତା ମାସ ୬ ଏବଂ ୭ ତାରିଖରେ

ହେବାକୁ ଥିବା ପରୀକ୍ଷା ଲାଗି ଖୁବ୍‌ଶୀଘ୍ର ଆଡମିଟ କାର୍ଡ ପ୍ରଦାନ ହେବ ବୋଲି ଏନ୍‌ଟିଏ ପକ୍ଷରୁ କୁହାଯାଇଛି ।

*Desk*

## ପ୍ରଶିକ୍ଷଣ ମହାଭିଯାନ

ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ପଣ୍ଡିତ ଦୀନ ଦୟାଲ୍ ଉପାଧ୍ୟାୟ ପ୍ରଶିକ୍ଷଣ ମହାଭିଯାନ -୨୦୨୬ ଅଧୀନରେ ପୁରୀ ଜିଲ୍ଲାରେ ଆୟୋଜିତ ଶିବିରରେ ଯୋଗ ଦେଇଥିଲେ । କାର୍ଯ୍ୟକ୍ରମରେ କେନ୍ଦ୍ର ସରକାରଙ୍କ ବିଭିନ୍ନ ଜନହିତକର ଯୋଜନା ସମ୍ପର୍କରେ ଆଲୋଚନା କରାଯାଇଥିଲା । ଏହି ପ୍ରଶିକ୍ଷଣ ବର୍ଗରେ ରାଷ୍ଟ୍ରୀୟ ସାଧାରଣ ସମ୍ପାଦକ ଅରୁଣ ସିଂହ, ସାଂସଦ ସମ୍ବିତ ମହାପାତ୍ର, ବିଧାୟକ ଓମ୍ ପ୍ରକାଶ ମିଶ୍ର, ପୁରୀ ବିଧାନସଭା କ୍ଷେତ୍ରର ଅନେକ ନେତୃବୃନ୍ଦ ଓ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ ।

*Desk*

## ବିପଣୀ କେନ୍ଦ୍ର

ଗ୍ରାମାଞ୍ଚଳର ଆର୍ଥିକ ବିକାଶ ଓ ସ୍ୱାବଲମ୍ବନ ଦିଗରେ ସରକାର ବିଭିନ୍ନ ପଦକ୍ଷେପ ଗ୍ରହଣ କରୁଛନ୍ତି ବୋଲି ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ

କହିଛନ୍ତି । ଭଦ୍ରକ ଜିଲ୍ଲା ସୋହଡା ପଞ୍ଚାୟତ ଅନ୍ତର୍ଗତ ବାଲିପଡ଼ାଠାରେ ଏକ ନୂତନ ବିପଣୀ କେନ୍ଦ୍ର ନିର୍ମାଣ ପାଇଁ ମନ୍ତ୍ରୀ ଶ୍ରୀ ସୂରଯ ଆଜି ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି । ଗ୍ରାମର ଅର୍ଥନୀତିକୁ ସୁଦୃଢ଼ କରିବାରେ ଏହି ପ୍ରକଳ୍ପ ଏକ ପ୍ରମୁଖ ଭୂମିକା ଗ୍ରହଣ କରିବ । ବିପଣୀ କେନ୍ଦ୍ର ନିର୍ମାଣଦ୍ୱାରା ସ୍ଥାନୀୟ ଜନସାଧାରଣ ଦୈନନ୍ଦିନ ବଜାର ସୁବିଧା ସହ ଅଞ୍ଚଳର କ୍ଷୁଦ୍ର ବ୍ୟବସାୟୀ, ଚାଷୀ ଓ ଯୁବକ ଯୁବତୀଙ୍କପାଇଁ ନୂତନ ବ୍ୟାବସାୟିକ ଏବଂ ରୋଜଗାର ସୁଯୋଗ ସୃଷ୍ଟି ହୋଇପାରିବ ବୋଲି ଶ୍ରୀ ସୂରଯ କହିଚନ୍ତି । ପିତେଇପୁରଠାରେ ଅନ୍ୟ ଏକ କାର୍ଯ୍ୟକ୍ରମରେ ଯୋଗଦେଇ ମନ୍ତ୍ରୀ ଚାରାରୋପଣ କାର୍ଯ୍ୟକ୍ରମ ଓ ରାସନ କାର୍ଡ଼ ହିତାଧିକାରୀମାନଙ୍କୁ ପ୍ରମାଣ ପତ୍ର ବଣ୍ଟନ କରିଥିଲେ ।

***Desk***

## ଇଦ୍‌-ଉଲ୍‌-ଆଝା

ଦେଶ ବ୍ୟାପି ଆଜି ଇଦ୍‌-ଉଲ୍‌-ଆଝା ପର୍ବ ପାଳନ କରାଯାଉଛି । ବିଭିନ୍ନ ମସଜିଦ୍‌ରେ ମୁସଲିମ୍‌ ସମ୍ପ୍ରଦାୟର ଲୋକମାନେ ନମାଜ ପାଠ ଲାଗି ଏକତ୍ରିତ ହୋଇଛନ୍ତି । ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଇଦ୍‌-ଉଲ୍‌-ଆଝା ଅବସରରେ ଦେଶବାସୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି । ଉପରାଷ୍ଟ୍ରପତି ସି.ପି. ରାଧାକ୍ରିଷ୍ଣନ ଇଦ୍‌-ଉଲ୍‌-ଆଝା ଅବସରରେ ମୁସଲମାନ ସମ୍ପ୍ରଦାୟର ଭାଇଭଉଣୀମାନଙ୍କୁ ଶୁଭେଚ୍ଛା ଜଣାଇବା ସହ ଏହି ପର୍ବ ସମସ୍ତଙ୍କୁ ସୁଖ, ଶାନ୍ତି ଏବଂ ସମୃଦ୍ଧି ପ୍ରଦାନ କରିବ ବୋଲି କାମନା କରିଛନ୍ତି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର

ମୋଦୀ ଆଜି ଏହି ଅବସରରେ ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରି ଇଦ୍-ଉଲ୍-ଆଝା ପର୍ବ ସମାଜରେ ଭାତୃଭାବ ଏବଂ ଶାନ୍ତି ପ୍ରତିଷ୍ଠା ଦୃଢ଼ କରିବା ଦିଗରେ ସହାୟକ ହେବ ବୋଲା ଆଶାବ୍ୟକ୍ତ କରିଛନ୍ତି । ସେ ସମସ୍ତଙ୍କର ସାଫଲ୍ୟ ଏବଂ ଉତ୍ତମ ସ୍ୱାସ୍ଥ୍ୟ କାମନା କରିଛନ୍ତି ।

***Sonepur/R***

## ଇଦ୍-ଉଜ୍-ଜୁହା

ସୁବର୍ଣ୍ଣପୁର ଜିଲ୍ଲାର ବିଭିନ୍ନ ସ୍ଥାନରେ ସାମ୍ପ୍ରଦାୟିକ ସଦ୍ଭାବ, ତ୍ୟାଗ ଓ ଭାଇଚାରର ଅନନ୍ୟ ପର୍ବ ଇଦ୍-ଉଜ୍-ଜୁହା ପାଳିତ ହୋଇଯାଇଛି । ସଦର ମହକୁମାର ୨ଟି ମସ୍‌ଜିଦ୍‌ରେ ମୁସ୍‌ଲିମ୍ ସମ୍ପ୍ରଦାୟ ପକ୍ଷରୁ ସାମୂହିକ ନମାଜ ପାଠ କରାଯାଇଥିଲା । ଇସ୍‌ଲାମ ଧର୍ମର ମାନବିକ ମୂଲ୍ୟବୋଧ ଓ ଦେଶର ସଂହତି ଓ ସମ୍ପ୍ରୀତି ଉପରେ ଭାଇଚାରାକୁ ସୁଦୃଢ଼ କରିବା ନେଇ ଆଲୋଚନା ହୋଇଥିଲା ।

ନୂଆପଡ଼ା ଜିଲ୍ଲା ଖଡ଼ିଆଳଠାରେ ଏହି ପର୍ବ ପାଳିତ ହୋଇଯାଇଛି । ସ୍ଥାନୀୟ ମୁସ୍‌ଲିମ୍ ସମ୍ପ୍ରଦାୟ ପକ୍ଷରୁ ଏହି ଅବସରରେ ବିଭିନ୍ନ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା । ଦେଶର ପ୍ରଗତି, ବିଶ୍ୱଶାନ୍ତି ଓ ସଦ୍ଭାବନାପାଇଁ ସାମୂହିକ ନମାଜ ପାଠ କରାଯାଇଥିଲା ।

***Desk***

# ଋତୁସ୍ରାବ ସ୍ୱଚ୍ଛତା ଦିବସ

ଋତୁସ୍ରାବ ସମ୍ପର୍କରେ ଭ୍ରାନ୍ତ ଦୂର, ମହିଳା ଓ କିଶୋରୀଙ୍କ ମଧ୍ୟରେ ସଚେତନତା ବୃଦ୍ଧି, ସ୍ୱଚ୍ଛ ଓ ସୁରକ୍ଷିତ ଋତୁସ୍ରାବ ପରିଚର୍ଯ୍ୟାକୁ ପ୍ରୋତ୍ସାହନ ଦେବା ଉଦ୍ଦେଶ୍ୟରେ ପ୍ରତି ବର୍ଷ ମେ' ୨୮ ତାରିଖକୁ ବିଶ୍ୱ ଋତୁସ୍ରାବ ସ୍ୱଚ୍ଛତା ଦିବସ ଭାବେ ପାଳନ କରାଯାଉଛି। ଋତୁସ୍ରାବ ମହିଳାଙ୍କ ଜୀବନର ଏକ ସ୍ୱାଭାବିକ ପ୍ରକ୍ରିୟା ହୋଇଥିଲେ ମଧ୍ୟ ଏହାକୁ ନେଇ ଲଜ୍ଜା, ଅନ୍ଧବିଶ୍ୱାସ ଓ ବିଭିନ୍ନ କୁସଂସ୍କାର ଦେଖା ଦେଇଥାଏ। ସଚେତନତା ଅଭାବରୁ ଅନେକ କିଶୋରୀ ଏହାଦ୍ୱାରା ପ୍ରଭାବିତ ହେବା ସହ ଶାରୀରିକ ସମସ୍ୟା ଓ ସଂକ୍ରମଣର ଶିକାର ହୋଇଥାନ୍ତି। ସ୍ୱାସ୍ଥ୍ୟ ବିଶେଷଜ୍ଞମାନେ ଋତୁସ୍ରାବ ସମୟରେ ସ୍ୱଚ୍ଛତା ପ୍ରତି ଯତ୍ନବାନ ହେବା ସହିତ ପୁଷ୍ଟିକର ଖାଦ୍ୟ ଓ ପର୍ଯ୍ୟାପ୍ତ ପାଣି ପିଇବାକୁ ପରାମର୍ଶ ଦେଇଥାନ୍ତି। ସରକାର ଓ ବିଭିନ୍ନ ସଂଗଠନ ପକ୍ଷରୁ ଏ ସମ୍ପର୍କରେ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ନିଃଶୁଳ୍କରେ ସାନିଟାରୀ ପ୍ୟାଡ୍ ବଣ୍ଟନ ଓ ବିଦ୍ୟାଳୟସ୍ତରରେ ସ୍ୱାସ୍ଥ୍ୟ ଶିକ୍ଷା ଭଳି ପଦକ୍ଷେପ ଗ୍ରହଣ କରାଯାଉଛି। ଋତୁସ୍ରାବ ସମ୍ପର୍କରେ ଆଲୋଚନା, ସଠିକ୍ ତଥ୍ୟ, ସ୍ୱଚ୍ଛତା ପ୍ରତି ସଚେତନତା ମାଧ୍ୟମରେ ମହିଳାଙ୍କ ସ୍ୱାସ୍ଥ୍ୟ ଓ ସମ୍ମାନକୁ ସୁରକ୍ଷିତ ରଖାଯାଇ ପାରିବ।

ଭୁବନେଶ୍ୱରଠାରେ ଏହି ଅବସରରେ ଏକ ରାଜ୍ୟସ୍ତରୀୟ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ଓଡ଼ିଶା ରାଜ୍ୟ ଶିଶୁ ସୁରକ୍ଷା ଆୟୋଗର ଅଧ୍ୟକ୍ଷା ବବିତା ପାତ୍ର ସମ୍ମିଳନୀରେ ଯୋଗଦେଇ କହିଛନ୍ତି, ଋତୁସ୍ରାବକୁ ଏକ ସାମାଜିକ

କୁପ୍ରଥା ଭାବେ ଗ୍ରହଣ ନ କରି ଏ ସମ୍ପର୍କରେ ମୁକ୍ତ ଆଲୋଚନାର ଆବଶ୍ୟକତା ରହିଛି ।

***Voice (Babita Patra)*** :.......

***Desk***

# ପୁରୀ - ଚାରମାଳ ନର୍ମାଣ

ବିଶ୍ୱପ୍ରସିଦ୍ଧ ପୁରୀ ରଥଯାତ୍ରା ନିମନ୍ତେ ରଥନିର୍ମାଣ କାର୍ଯ୍ୟ ଆଗେଇ ଚାଲିଛି । ରଥ ଚାରମାଳ ନିର୍ମାଣପାଇଁ ପ୍ରଥମ ପର୍ଯ୍ୟାୟରେ ଢେଙ୍କାନାଳରୁ ୧୮ ଖଣ୍ଡ ତାଳକାଠ ପୁରୀରେ ପହଞ୍ଚିଥିବା ଜଣାପଡ଼ିଛି । ଭୋଇ ସେବକମାନେ ତାଳକାଠ ବ୍ୟବହାର କରି ଚାରମାଳ ନିର୍ମାଣ କରିବେ । ପାରମ୍ପରିକ ରୀତି ଅନୁଯାୟୀ ରଥଯାତ୍ରା ଦିନ ପହଣ୍ଡି ସମୟରେ ୩ ରଥରେ ୧୬ଟି ଚାରମାଳ ଲଗା ଯାଇଥାଏ ।

***Rayagada/R***

# ଉପାଧ୍ୟାୟ - ପ୍ରଶିକ୍ଷଣ ଶିବିର

ରାୟଗଡ଼ା ଜିଲ୍ଲା ବିଜୁ ପଟ୍ଟନାୟକ ପ୍ରେକ୍ଷାଳୟଠାରେ ପଣ୍ଡିତ ଦୀନ ଦୟାଲ୍ ଉପାଧ୍ୟାୟ ଦୁଇଦିନିଆ ପ୍ରଶିକ୍ଷଣ ଶିବିର ଆଜି ଉଦ୍ଯାପିତ

ହୋଇଯାଇଛି । ଶିବିରରେ ଅନୁସୂଚିତ ଜାତି ଓ ଜନଜାତି କଲ୍ୟାଣ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଯୋଗଦେଇ ତୃଣମୂଳ ସ୍ତରରେ ପଣ୍ଡିତ ଉପାଧ୍ୟାୟଙ୍କ ରାଷ୍ଟ୍ରବାଦୀ ଚିନ୍ତାଧାରାକୁ ପହଞ୍ଚାଇବାପାଇଁ ପରାମର୍ଶ ଦେଇଥିଲେ ।

***HS***

## ଦୁର୍ଘଟଣା - ସହାୟତା

ଗଞ୍ଜାମ ଜିଲ୍ଲା ପାତ୍ରପୁର ତହସିଲ୍‌ର ପ୍ରମୋଦ ପ୍ରଧାନଙ୍କ ଦୁର୍ଘଟଣାରେ ମୃତ୍ୟୁ ଘଟିଛି । ଘଟଣାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶୋକ ପ୍ରକାଶ କରିବା ସହ ମୃତକଙ୍କ ପରିବାରର ନିକଟତମ ଆତ୍ମୀୟଙ୍କ ପାଇଁ ମୁଖ୍ୟମନ୍ତ୍ରୀ ରିଲିଫ୍ ପାଣ୍ଠିରୁ ୪ ଲକ୍ଷ ଟଙ୍କାର ସହାୟତା ରାଶି ଘୋଷଣା କରିଛନ୍ତି ।

***Met. O.***

## ପାଣିପାଗ

ରାଜ୍ୟରେ ଗ୍ରୀଷ୍ମପ୍ରବାହ ଜାରି ରହିଛି । ଗରମ ଓ ଗୁଳୁଗୁଳି ନେଇ ଭୁବନେଶ୍ୱରସ୍ଥିତ ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ୨୧ଟି ଜିଲ୍ଲାକୁ ସତର୍କ ସୂଚନା ଜାରି କରାଯାଇଛି । ଆଗାମୀ ୨୪ ଘଣ୍ଟା ମଧ୍ୟରେ କାଳବୈଶାଖୀ ଓ ପ୍ରବଳ ବର୍ଷା ହେବା ନେଇ କେନ୍ଦୁଝର ସମେତ ଦେବଗଡ଼, ଅନୁଗୁଳ ଓ ସମ୍ବଲପୁର ଜିଲ୍ଲାକୁ ପାଣିପାଗ କେନ୍ଦ୍ର ପକ୍ଷରୁ ସତର୍କ କରାଯାଇଛି ।

ଆଗାମୀ ୭ ଦିନ ପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ସ୍ଥାନରେ ଝଡ଼ବର୍ଷାର ସମ୍ଭାବନା ରହିଛି । ଏହି ସମୟ ମଧ୍ୟରେ ସମୁଦ୍ର ଅଶାନ୍ତ ରହୁଥିବାରୁ ମତ୍ସ୍ୟଜୀବୀମାନଙ୍କୁ ସମୁଦ୍ର ମଧ୍ୟକୁ ଯିବାକୁ ବାରଣ କରାଯାଇଛି ।  ଅସାନ୍ତା କିଛିଦିନ ମଧ୍ୟରେ ଦିନ ତାପମାତ୍ରା ୨ରୁ ୪ ଡିଗ୍ରୀ ସେଲ୍‌ସିୟସ୍ ପର୍ଯ୍ୟନ୍ତ ହ୍ରାସ ପାଇବାର ସମ୍ଭାବନା ରହିଛି । ତେବେ ଗ୍ରୀଷ୍ମପ୍ରବାହଜନିତ ପରିସ୍ଥିତିକୁ ଦୃଷ୍ଟିରେ ରଖି ଜନସାଧାରଣଙ୍କୁ ସତର୍କ ରହିବା ଓ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାପାଇଁ ସ୍ୱତନ୍ତ୍ର ରିଲିଫ୍ କମିଶନର ପରାମର୍ଶ ଦେଇଛନ୍ତି । ମଧ୍ୟାହ୍ନ ସମୟ ଦିନ ୧୧ଟାରୁ ୩ଟା ପର୍ଯ୍ୟନ୍ତ ବାହାରେ ଶାରୀରିକ ଶ୍ରମ ନ କରିବା ଏବଂ ବାହାରକୁ ଗଲାବେଳେ ପାଣି, ଛତା ଆଦି ନେବାକୁ କୁହାଯାଇଛି ।

******